# NATIONAL NEWS BULLETIN (ODIA)

## 12 January - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଜର୍ମାନ୍ ଚାନ୍‌ସେଲରଙ୍କ ସହ ଅହମ୍ମଦାବାଦଠାରେ ଆଜି ସାକ୍ଷାତ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ
- ଜି-୭ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ମନ୍ତ୍ରିସ୍ତରୀୟ ବୈଠକରେ ଆଜି ଯୋଗଦେବେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ
- ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ଅବସରରେ ଆଜି ପାଳନ କରାଯାଉଛି ଜାତୀୟ ଯୁବଦିବସ

–ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା ଉଦ୍‌ଯାପନୀ ସମାରୋହରେ ଯୋଗଦେବେ ପ୍ରଧାନମନ୍ତ୍ରୀ

- ଶ୍ରୀହରିକୋଟା ସତୀଶଧାୱନ ମହାକାଶ କେନ୍ଦ୍ରରୁ  ଇସ୍ରୋ ଆଜି କାର୍ଯ୍ୟକାରୀ କରିବ **PSLV C-62 EOS N-1** ମିଶନ

ଏବଂ

● ଭଦୋଦରା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡକୁ ୪ ୱିକେଟ୍‌ରେ ପରାସ୍ତ କଲା ଭାରତ

# ପିଏମ୍ ମିଟ୍ ଜର୍ମାନ ଚାନସେଲର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅହମ୍ମଦାବାଦଠାରେ ଜର୍ମାନ ଚାନ୍‌ସେଲର ଫ୍ରେଡରିଚ୍ ମର୍ଜଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଉଭୟ ନେତା ସାବରମତୀ ଆଶ୍ରମ ଗସ୍ତ କରିବା ସହ ଅହମ୍ମଦାବାଦଠାରେ ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବରେ ୯୦୦ରୁ ଅଧିକ ପ୍ରତିଯୋଗୀ ସାମିଲ ହୋଇଛନ୍ତି । ଗାନ୍ଧୀ ନଗରର ମହାତ୍ମା ମନ୍ଦିରଠାରେ ଉଭୟ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ । ଭାରତ-ଜର୍ମାନ ରଣନୈତିକ ସହଭାଗିତାର ୨୫ ବର୍ଷ ପୂରଣ ଅବସରରେ ପ୍ରଗତି ସଂପର୍କରେ ଉଭୟ ପକ୍ଷ ମତ ବିନିମୟ କରିବେ ।

ଶ୍ରୀ ମୋଦୀଙ୍କ ନିମନ୍ତ୍ରଣକ୍ରମେ ଜର୍ମାନ ଚାନସେଲର ଶ୍ରୀ ମର୍ଜ ଦୁଇଦିନିଆ ସରକାରୀ ଗସ୍ତରେ ଭାରତକୁ ଆସିଛନ୍ତି । ଶ୍ରୀ ମର୍ଜଙ୍କର ଏହା ଭାରତକୁ ପ୍ରଥମ ଗସ୍ତ । ବାଣିଜ୍ୟ, ନିବେଶ, ଉଚ୍ଚ ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ ପ୍ରସଙ୍ଗ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

## ବୈଷ୍ଣବ-ୱାଶିଂଟନ୍ ଭିଜିଟ୍

ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଯୁକ୍ତରାଷ୍ଟ୍ର ଆମେରିକାର ୱାଶିଂଟନ ଡିସିଠାରେ ଅନୁଷ୍ଠିତ ହେଉଥିବା ଜି-୭ ଗୁରୁତ୍ୱପୂର୍ଣ୍ଣ ଖଣିଜସମ୍ପଦ ମନ୍ତ୍ରିସ୍ତରୀୟ ବୈଠକରେ ଅଂଶ ଗ୍ରହଣ କରିବେ । ବିଶ୍ୱସ୍ତରରେ ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବା ଏବଂ ରଣନୈତିକ ସମ୍ବଳକୁ ଅଧିକ ସୁଦୃଢ଼ କରିବାରେ ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ପାଇଁ ସୁରକ୍ଷିତ ଯୋଗାଣ ଶୃଙ୍ଖଳର ଆବଶ୍ୟକତା ରହିଛି । ଜି-୭ ସଦସ୍ୟ ଗୋଷ୍ଠୀରେ ୟୁରୋପୀୟ ସଂଘର ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଜାପାନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ କାନାଡା ଅଛନ୍ତି ।

## ପିଏମ୍-ୟୁଥ୍ ଡେ

ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଜାତୀୟ ଯୁବ ଦିବସ ପାଳନ କରାଯାଉଛି । ୧୯୮୪ ମସିହାରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିନ ଅର୍ଥାତ୍ ଜାନୁଆରୀ ୧୨ ତାରିଖକୁ ଜାତୀୟ ଯୁବ ଦିବସ ଭାବେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ଚଳିତବର୍ଷ

ନିଜକୁ ସକ୍ରିୟ କରିବା, ବିଶ୍ୱକୁ ପ୍ରଭାବିତ କରିବା ବାର୍ତ୍ତା ନେଇ ଜାତୀୟ ଯୁବ ଦିବସ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀରେ ବିକଶିତ ଭାରତ ଯୁବ ନେତୃତ୍ୱ ଆଲୋଚନା ୨୦୨୬ର ଉଦ୍‌ଯାପନୀ ସମାରୋହରେ ଅଂଶ ଗ୍ରହଣ କରିବେ । ଏଥିରେ ଯୋଗଦେଇଥିବା ପ୍ରବାସୀ ଭାରତୀୟ ପ୍ରତିନିଧିଙ୍କ ସମେତ ୩ ହଜାରରୁ ଅଧିକ ଯୁବକ ଯୁବତୀଙ୍କ ସହ ଶ୍ରୀ ମୋଦୀ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ୧୦ଟି ପ୍ରସଙ୍ଗ ଆଧାରରେ ମନୋନୀତ ଅଂଶଗ୍ରହଣକାରୀ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ନିଜର ଚିନ୍ତାଧାରା ଉପସ୍ଥାପନା କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଲୋଚନାର ପ୍ରବନ୍ଧ ସଂକଳନ ପ୍ରକାଶ କରିବେ ।

ଏଥିରେ ଦେଶର ବିକାଶକୁ ପ୍ରାଥମିକତା ପ୍ରଦାନ ତଥା ରାଷ୍ଟ୍ର ନିର୍ମାଣ ଦୃଷ୍ଟିକୋଣ ଆଧାରିତ ଅଂଶଗ୍ରହଣକାରୀଙ୍କ ଦ୍ୱାରା ଲିଖିତ ମନୋନୀତ ପ୍ରବନ୍ଧଗୁଡ଼ିକ ସ୍ଥାନୀତ ହୋଇଛି ।

ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ ଦେଶର ଯୁବବର୍ଗ ଏବଂ ଜାତୀୟ ନେତୃତ୍ୱ ମଧ୍ୟରେ ଚିନ୍ତାଧାରା ଆଦାନପ୍ରଦାନ କରିବାର ଏକ ମଞ୍ଚ ହୋଇଛି ।

# ପିଏମ୍-ପ୍ରଗତି-ସ୍ପେଶାଲ୍ ଷ୍ଟୋରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଶାସନ ଏବଂ ସମୟୋପଯୋଗୀ ପଦକ୍ଷେପ ପାଇଁ ଉଦ୍ଦିଷ୍ଟ ପ୍ରଗତି ପ୍ଲାଟ୍‌ଫର୍ମ ଏହାର ୫୦ତମ ବୈଠକ ଶେଷ କରିଛି । ୨୦୧୫ ରେ ଶ୍ରୀ ମୋଦୀଙ୍କ ଦ୍ୱାରା ଏହି ପ୍ଲାଟ୍‌ଫର୍ମ୍‌ର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦେଶର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ଗୁଡ଼ିକର ସମାଧାନ କରି ଏହାକୁ ସଫଳତାରେ ପରିଣତ କରିଛି । ଏହି ପ୍ରଗତି ମଞ୍ଚରେ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟଗୁଡ଼ିକୁ ସାମିଲ ହୋଇ ସମସ୍ୟା ସମାଧାନ ଦିଗରେ ନିରନ୍ତର ପଦକ୍ଷେପ ନେଉଛନ୍ତି । ଆଜି ଏହି ଶୃଙ୍ଖଳାରେ ଆସନ୍ତୁ ଜାଣିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନସ୍ଥ ଏମ୍‌ସ ନାଗପୁର ପ୍ରତିଷ୍ଠା ସଂପର୍କରେ

ବିଦର୍ଭ ଅଞ୍ଚଳ ଏବଂ ନାଗପୁର ସହର ପାଇଁ ଉନ୍ନତ ଚିକିତ୍ସା ସେବା ପ୍ରଦାନକୁ ସୁଦୃଢ଼ କରିବାରେ ଏମ୍‌ସ ନାଗପୁରକୁ ମହାରାଷ୍ଟ୍ରର ପୂର୍ବଭାଗରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠା କରାଯାଇଛି । ୨୦୧୫ ଅକ୍ଟୋବର ୭ ତାରିଖରେ ୧ ହଜାର ୫୭୭ କୋଟି ଟଙ୍କା ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୧୭ ଅଗଷ୍ଟ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଗତି ବ୍ୟବସ୍ଥା ମାଧ୍ୟମରେ ଏହି ପ୍ରକଳ୍ପର ସ୍ଥିତି ନେଇ ସମୀକ୍ଷା କରିଥିଲେ ।

କାର୍ଯ୍ୟାନ୍ୱୟନ ସମୟରେ ଡ୍ରେନେଜ୍ ସିଷ୍ଟମ୍‌ର ସ୍ଥାନାନ୍ତରଣ ନେଇ ସମସ୍ୟା ଉପୁଜିଥିଲା । ସମନ୍ୱିତ ଆନ୍ତଃ ଏଜେନ୍ସୀ ପ୍ରୟାସ ମାଧ୍ୟମରେ ଏହାର ସମାଧାନ କରାଯାଇଥିଲା । କେନ୍ଦ୍ରୀୟ ତଦାରଖ ଏବଂ ସୃଷ୍ଟି ଆହ୍ୱାନ ଗୁଡ଼ିକର ସମୟୋଚିତ ସମାଧାନ ସହିତ ୨୦୨୧ ଡିସେମ୍ବର ୩୦ ତାରିଖରେ ପ୍ରକଳ୍ପ କାର୍ଯ୍ୟ ସଂପନ୍ନ ହୋଇଥିଲା । ନାଗପୁର ଏମ୍‌ସର ପ୍ରତିଷ୍ଠା ଏବଂ ସଫଳ କାର୍ଯ୍ୟଦକ୍ଷତା ମହାରାଷ୍ଟ୍ର ଲୋକଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ପ୍ରତିବଦ୍ଧତା ଏବଂ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଉପଲବ୍ଧତାର ସଂକଳ୍ପକୁ ପ୍ରତିଫଳିତ କରୁଛି ।
ପୂର୍ବ ମହାରାଷ୍ଟ୍ରର ନାଗରିକଙ୍କ ପାଖରେ ଉଚ୍ଚ ଗୁଣବତ୍ତା  ବିଶେଷ ଚିକିତ୍ସା ସେବା ପହଞ୍ଚାଇବାକୁ ଏହା ସୁନିଶ୍ଚିତ କରୁଛି ।

## ଇସ୍ରୋ

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶଧାୱନ ମହାକାଶକେନ୍ଦ୍ରର ପ୍ରଥମ ଲଞ୍ଚପ୍ୟାଡ୍‌ରୁ **PSLV C-62 EOS N-1** ମିଶନର ଆଜି ଉତ୍‌କ୍ଷେପଣ କରାଯିବ । ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର-ଇସ୍ରୋ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି ମିଶନ ଦେଶର ସବୁଠାରୁ ନିର୍ଭରଯୋଗ୍ୟ ଏବଂ ସଫଳ ଉତ୍‌କ୍ଷେପଣ ଯାନ **PSLV**ର ୬୪ତମ ଉତ୍‌କ୍ଷେପଣ ହେବ । ନିଉ ସ୍ପେସ୍ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ବିକଶିତ ଏହି ମିଶନ ପୃଥିବୀ ପର୍ଯ୍ୟବେକ୍ଷଣ ସହିତ ବାଣିଜ୍ୟିକ ମିଶନକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ହୋଇଛି । ଉନ୍ନତ ମହାକାଶ ପରିବହନ ଏବଂ ପୁନଃ ବ୍ୟବହାରଯୋଗ୍ୟ

ଉତ୍କ୍ଷେପଣା ଯାନ ପ୍ରଯୁକ୍ତିବିଦ୍ୟା ଦିଗରେ ଏହି ପରୀକ୍ଷଣ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

# ଆରଏସ୍ଏସ୍-ଭାଗବତ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ ମୋହନ ଭାଗବତ କହିଛନ୍ତି, ଆର୍ଏସ୍ଏସ୍ ନିଜର ମୌଳିକତା ବଜାୟ ରଖିବା ସହ ଅଧିକ ସୁଦୃଢ଼ ହେଉଛି । ସଂଘ ନୂତନ ରୂପରେ ବିକଶିତ ହେବା ସହିତ ଲୋକଙ୍କର ବିଶ୍ୱାସ ଅଧିକ ଦୃଢ଼ୀଭୂତ ହେଉଛି ବୋଲି ଶ୍ରୀ ଭାଗବତ କହିଛନ୍ତି । ନୂଆଦିଲ୍ଲୀଠାରେ ଏକ କାର୍ଯ୍ୟକ୍ରମରେ 'ଶତକ' ନାମ ଚଳଚ୍ଚିତ୍ରର ଦୁଇଟି ଗୀତକୁ ଲୋକାର୍ପଣ କରିବା ଅବସରରେ ଶ୍ରୀ ଭାଗବତ ଏହା କହିଛନ୍ତି । ଆର୍ଏସଏସ୍ର ପ୍ରତିଷ୍ଠାତା ଡକ୍ଟର କେଶବ ବଳିରାମ ହେଡେଗଓ୍ୱାରଙ୍କ ସଂପର୍କରେ ଆଲୋକପାତ କରି ଶ୍ରୀ ଭାଗବତ କହିଛନ୍ତି, ସେ ଜଣେ ଦେଶପ୍ରେମୀ ଥିଲେ, ଯିଏକି ଦେଶସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଥିଲେ । ଡକ୍ଟର ହେଡେଗଓ୍ୱାରଙ୍କ ବ୍ୟକ୍ତିତ୍ୱ ଏବଂ ମାନସିକ ଦୃଢ଼ତା ଉପରେ ଅଧିକ ଅଧ୍ୟୟନ ନେଇ ଶ୍ରୀ ଭାଗବତ ଗୁରୁତ୍ୱାରୋପ କରିଛନ୍ତି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଆଣ୍ଟିବାଓଟିକ୍ସର ଅପବ୍ୟବହାର ଓ ଏହାର କୁପରିଣାମ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ

ଏମ୍ସର ପୂର୍ବତନ ମୁଖ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଏସ୍.କେ ଶର୍ମା ଏବଂ ଲେଡି ହେର୍ଡିଂଜେ ହସ୍ପିଟାଲର ମେଡ଼ିସିନ୍ ବିଭାଗ ମୁଖ୍ୟ  ଡାକ୍ତର ଅନୁପମ ପ୍ରକାଶ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23717117, 23314444, 23310481  ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# କ୍ରିକେଟ୍

ଭଦୋଦରା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍‌ରେ ଭାରତ’ ନ୍ୟୁଜିଲ୍ୟାଣ୍ଡକୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଭାରତ-ନ୍ୟୁଜିଲ୍ୟାଣ୍ଡ ଚଳିତ ସିରିଜ୍‌ର ପ୍ରଥମ ମ୍ୟାଚ୍ ଗତକାଲି ଗୁଜରାଟଠାରେ ଖେଳାଯାଇଥିଲା । ଭାରତ ଟସ୍ ଜିତି ନ୍ୟୁଜିଲ୍ୟାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୫୦ ଓଭରରେ ନ୍ୟୁଜିଲ୍ୟାଣ୍ଡ ୩୦୦ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଡାରିଲ୍ ମିଚେଲ୍ ସର୍ବାଧିକ ୮୪ ରନ୍ ସଂଗ୍ରହ କରିଥିଲେ । ୩୦୧ ରନ୍‌ର ବିଜୟଲକ୍ଷ୍ୟକୁ ଭାରତ ୪୯ ଓଭରରେ ୬ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ବିରାଟ କୋହଲି ୯୧ ବଲ୍‌ରୁ ସର୍ବାଧିକ ୯୩ ରନ୍ ସଂଗ୍ରହ କରିଥିଲେ । ଏହି

ବିଜୟ ସହ ଭାରତ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି । ଆସନ୍ତା ବୁଧବାର ରାଜକୋଟଠାରେ ଦ୍ୱିତୀୟ ଏବଂ ୧୮ ତାରିଖରେ ଇନ୍ଦୋରଠାରେ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ ।

## ଡବ୍ଲୁପିଏଲ୍

ମହିଳା ପ୍ରିମିୟର ଲିଗ୍‌ର ଗତସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍‌ସ ୪ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜାଏଣ୍ଟ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ୍ ହରା ୨୦୯ ରନ୍ ସ୍କୋର କରିଥିଲା । ସୋଫି ଡିଭାଇନ୍ ସର୍ବାଧିକ ୯୫ ରନ୍ ସ୍କୋର କରିଥିଲେ । ଜବାବରେ ଦିଲ୍ଲୀ କ୍ୟାପିଟାଲ୍‌ସ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୦୫ ରନ୍ ସ୍କୋର କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ଲିଜେଲ୍ ଲି ସର୍ବାଧିକ ୮୬ ରନ୍ ସ୍କୋର କରିଥିଲେ ।

ଆଜି ମହିଳା ପ୍ରିମିୟର ଲିଗ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁର ଓ ୟୁପି ୱାରିଅର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।